Chapter- 6

# ହାତୀ ମାନିଲା ଏଣ୍ଡୁଅ କଥା

## STUDY NOTES

୧. କବିତାଟିକୁ ମନେ ପକାଇ କୁହ।

୨. ପାଠରେ ବ୍ୟବହୃତ 'ଣ୍ଡ' ଓ 'ଣ୍ଢ' ବ୍ୟବହୃତ ଶବ୍ଦ ବାଛି ଠିକ୍ ଉଚ୍ଚାରଣ କରି ପଢ଼।

| **'ଣ୍ଡ'** | **'ଣ୍ଢ'** |
|---|---|
| ଏଣ୍ଡୁଅ | ଶୁଣ୍ଢ |
| ମୁଣ୍ଡ | ମେଣ୍ଢାପଲ |
| କାଛୁକୁଣ୍ଡିଆ | |

୩. ଗୀତରେ ଥିବା ଚିତ୍ର ଦେଖି କିଏ କ'ଣ କରୁଛି ଲେଖ।

କ) ହାତୀ __ଶୁଣ୍ଢ__ ରେ ପାଣି ପକାଉଛି।

ଖ) ପାଣି ଦେଖି __ମେଣ୍ଢାପଲ__ ଦୌଡ଼ି ପଳାଇଲେ।

ଗ) ଆଖି ବଡ଼ ବଡ଼ କରି __ଏଣ୍ଡୁଅ__ ହାତୀକୁ ଅନେଇଛି।

ଘ) ପିଲାଟି ଦେହରେ __କାଛୁ କୁଣ୍ଡିଆ__ ହୋଇଛି।

ଙ) ପିଲାଟି ନିଜ ଦେହକୁ __କୁଣ୍ଢେଇ__ ହେଉଛି।

୪. ପଠିତ ଗୀତରୁ କୁହ।

କ) ହାତୀ କିପରି ଆସୁଥିଲା ?

ଉ: ହାତୀ ତା'ର ଶୁଣ୍ଢ ହଲାଇ ହଲାଇ ଆସୁଥିଲା।

ଖ) ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

ଉ: ଏଣ୍ଡୁଅ ହାତୀକୁ ଉପଦେଶ ଦେଇ କହିଲା– "ହାତୀଭାଇ ଜଳ ଦୂଷିତ କର ନାହିଁ। ଜଳ ଦୂଷିତ ହେଲେ ଲୋକମାନେ ହଇରାଣ ହେବେ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ।"

ODM EDUCATIONAL GROUP ...ng your Tomorrow

ଗ) ଦୂଷିତ ଜଳରୁ କେଉଁସବୁ ରୋଗ ହୁଏ ?

ଉ: ଦୂଷିତ ଜଳରୁ ଜ୍ୱର, ଝାଡ଼ା, ବାନ୍ତି, କାଛୁକୁଣ୍ଡିଆ ରୋଗ ଆଦି ହୁଏ ।

ଘ) ଏଣ୍ଡୁଅର ଉପଦେଶ ଶୁଣି ହାତୀ କ'ଣ କହିଲା ?

ଉ: ଏଣ୍ଡୁଅର ଉପଦେଶ ଶୁଣି ହାତୀ କହିଲା- "ଏଣ୍ଡୁଅ ଭାଇ, ଆଜିଠୁ ତୁ ମୋହର ସାଥି- ମୁଁ ତୋହର କଥା ମାନୁଛି । ସାନ ହେଲେ କ'ଣ ହେଲା, ତୋ ମୁଣ୍ଡରେ ବଡ଼ ବଡ଼ କଥା ସାଇତା ହୋଇ ରହିଛି ।"

୫. ତଳ ଛବି ଦେଖି ଖାଲି ଘରେ ଠିକ୍ ଅକ୍ଷରଟି ଲେଖ ।


ଏଣ୍ଡୁଅ


ଗୁଣ୍ଡୁଚିମୂଷା


ଗେଣ୍ଡା


ମେଣ୍ଢା


କଣ୍ଢେଇ


ଷଣ୍ଢ


ହଣ୍ଡା

୬. ତଳେ ଦିଆଯାଇଥିବା ଶବ୍ଦରେ ହାତୀର ଶୁଣ୍ଢକୁ 'ଣ୍ଢ' ସହିତ ଓ ଏଣ୍ଡୁଅର ଲାଞ୍ଜକୁ 'ଣ୍ଡ' ସହିତ ଗାରଟାଣି ଯୋଡ଼ ।



| | |
|---|---|
| ତେଣ୍ଡା | ଗଣ୍ଡା |
| ମୁଣ୍ଡ | ଦଣ୍ଡ |
| ତୁଣ୍ଡ | ମଣ୍ଡା |
| ଖଣ୍ଡା | ଖଣ୍ଡଖଣ୍ଡ |
| ଅମୃତଭଣ୍ଡା | |

| |
|---|
| ମେଣ୍ଢା |
| ଷଣ୍ଢ |
| କଣ୍ଢେଇ |



୭. ଆସ, ତଳେ ଦିଆଯାଇଥିବା ଅକ୍ଷରକୁ ଦେଖିବା। ସେହି ଅକ୍ଷରକୁ 'ଣ୍ଡା' ଅକ୍ଷର ସହିତ ଯୋଡ଼ି ଶବ୍ଦ ତିଆରି କରି ତଳ ଘରେ ଲେଖିବା।




| | | | | | |
|---|---|---|---|---|---|
| ଅଣ୍ଡା | ଝଣ୍ଡା | କେଣ୍ଡା | ଗେଣ୍ଡା | ତେଣ୍ଡା | ଖଣ୍ଡା |
| ପଣ୍ଡା | ଥଣ୍ଡା | କୁଣ୍ଡା | ହଣ୍ଡା | ଲଣ୍ଡା | |

୮. ତୁମେ ତିଆରି କରିଥିବା ଶବ୍ଦକୁ ନେଇ ଧାଡ଼ିଏ ଲେଖ।

ଅଣ୍ଡା - କୁକୁଡ଼ା ଅଣ୍ଡା ଦିଏ।

ଝଣ୍ଡା - ସ୍ୱାଧୀନତା ଦିବସରେ ଆମ ବିଦ୍ୟାଳୟରେ ଆମ ଦେଶର ଝଣ୍ଡାକୁ ଉତ୍ତୋଳନ କରାଯାଏ।

କେଣ୍ଡା- ମେଣ୍ଢାପଲ ଧାନକେଣ୍ଡା ଖାଇଗଲେ।

ଗେଣ୍ଡା- ଗେଣ୍ଡା ପାଣିରେ ରହେ।

ତେଣ୍ଡା- ତେଣ୍ଡା ସାହାଯ୍ୟରେ କ୍ଷେତକୁ ପାଣି ମଡ଼ାଯାଏ।

ଖଣ୍ଡା - ପାଇକମାନେ ଖଣ୍ଡା ସାହାଯ୍ୟରେ ଯୁଦ୍ଧ କରୁଥିଲେ।

ପଣ୍ଡା - ପଣ୍ଡାମାନେ ଠାକୁରଙ୍କୁ ପୂଜା କରନ୍ତି।

ଥଣ୍ଡା - ଶୀତଦିନେ ଅଧିକ ଥଣ୍ଡା ଲାଗେ।

କୁଣ୍ଡା - ଗାଈମାନଙ୍କୁ କୁଣ୍ଡା ଖାଇବାକୁ ଦିଆଯାଏ।

ହଣ୍ଡା - ହଣ୍ଡାରେ ରୋଷେଇ କରାଯାଏ।

ଲଣ୍ଡା - ବିଭିନ୍ନ ତୀର୍ଥସ୍ଥାନରେ ଲୋକମାନେ ଲଣ୍ଡା ହୋଇଥାନ୍ତି।

ODM EDUCATIONAL GROUP Changing your Tomorrow

୯. ତୁମେ ପିଇବା ପାଇଁ କେଉଁ ଜଳ ବ୍ୟବହାର କରିବ, ସେହି ଜାଗାରେ ଠିକ୍ (✓) ଦିଅ। ସାଙ୍ଗ ସହ ଆଲୋଚନା କର।

କ) ଛଣା ହୋଇଥିବା ପାଣି।

ଖ) ଫୁଟା ହୋଇଥିବା ପାଣି। (✓)

ଗ) ଛଣା ହୋଇନଥିବା ପାଣି।

୧୦. ଦୂଷିତ ଜଳ ବ୍ୟବହାର କଲେ କେଉଁସବୁ ରୋଗ ହେବ ଗାର ଦେଇ ଯୋଡ଼।




୧୧. ପାଣି କେଉଁସବୁ କାରଣରୁ ଅସନା ହୁଏ ?

ଉ: ପାଣି ବିଭିନ୍ନ କାରଣରୁ ଅସନା ହୁଏ। ଯେପରି ପାଣିରେ ଆମେ ଅଳିଆ ଆବର୍ଜନା ପକାଇଲେ ପାଣି ଅସନା ହୁଏ। ପୋଖରୀ ଜଳକୁ ଅଧିକ ଲୋକ ବ୍ୟବହାର କଲେ, ଯଥା- ଲୁଗା ଧୋଇବା, ବାସନ ମାଜିବା ଇତ୍ୟାଦି ଦ୍ୱାରା ପାଣି ଅସନା ହୁଏ। ଜାଲ ପକାଇ ମାଛ ଧରିଲେ ମଧ ପୋଖରୀର ପାଣି ଅସନା ହୁଏ।

୧୨. ତୁମ ଘରଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କ'ଣ କରିବ ସାଙ୍ଗମାନଙ୍କ ସହିତ ଆଲୋଚନା କର।

ଉ: ଆମେ ଆମ ଘର ଲୋକଙ୍କୁ ନଦୀର ଜଳ ବ୍ୟବହାର ନ କରିବା ପାଇଁ କହିବୁ। କୂଅର ଜଳକୁ ବ୍ଲିଚିଂ ପାଉଡର ପକାଇ ବିଶୁଦ୍ଧ କରିବୁ ଏବଂ ସେହି ଜଳକୁ ଫୁଟାଇ ଛାଣି ପିଇବା ପାଇଁ କହିବୁ ଓ କୂଅର ଜଳକୁ ବିଶୁଦ୍ଧ ରଖିବା ପାଇଁ ଏକ ଘୋଡ଼ଣୀ ଘୋଡ଼ାଇବାକୁ କହିବୁ।

♦♦♦